# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 May – 2025**

# ମୁଖ୍ୟମନ୍ତ୍ରୀ-ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ ୨୦୨୫କୁ ଚୂଡାନ୍ତ କରାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ସମସ୍ତ ଜିଲ୍ଲାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥାନଗୁଡ଼ିକୁ ଦୁଃସାହସିକ ପର୍ଯ୍ୟଟନର ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି । ଦୁଃସାହସିକ ପର୍ଯ୍ୟଟନ ଯୁବଶକ୍ତିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ । ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଳ, ସ୍ଥଳ ଓ ଆକାଶରେ ବିଭିନ୍ନ ଦୁଃସାହସିକ କ୍ରୀଡ଼ା ପାଇଁ ଯୁବବର୍ଗଙ୍କୁ ତାଲିମ ଓ ପ୍ରମାଣପତ୍ର ଦିଆଯିବ । ଏଥିଲାଗି ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହନ ଦିଆଯିବା ସହ ଗୋ-ଆଡଭେଞ୍ଚର ପୋର୍ଟାଲ ମାଧ୍ୟମରେ ଅଂଶଗ୍ରହଣକୁ ଅନୁମୋଦନ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଏଫ୍ଏସ୍ଏସ୍ଏଆଇ ଫୁଟ୍ ୱାସ୍

ଖାଦ୍ୟରେ ନିଷିଦ୍ଧ ରଙ୍ଗ ସହ ଅଣ-ଅନୁମତି ପ୍ରାପ୍ତ ମହମ ପ୍ରଲେପକୁ ରୋକିବା ଲକ୍ଷ୍ୟ ନେଇ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଭାରତୀୟ

ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏଫ୍.ଏସ୍.ଏସ୍.ଏ.ଆଇ. ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି । ଏଥିପାଇଁ ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ମଧ୍ୟ ପ୍ରାଧିକରଣ ଅନୁରୋଧ କରିଛନ୍ତି । ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତିରେ ଫଳ ବଜାର ଏବଂ ମଣ୍ଡି ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି । ଫଳ ପାଚିବା ପାଇଁ କ୍ୟାଲ୍‌ସିୟମ୍ କାର୍ବାଇଡ୍‌ର ବହୁଳ ବ୍ୟବହାର ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ପରିସ୍ଥିତି ନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରାଧିକରଣ ଆଞ୍ଚଳିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଟିଂ ରିଟ୍ରିଟ୍

ଭାରତ-ପାକିସ୍ତାନ ସୀମାନ୍ତ ଅଟାରି ୱାଘା ଚେକ୍‌ପୋଷ୍ଟ ଠାରେ ବିଟିଂ ରିଟ୍ରିଟ୍ ସମାରୋହ ଆଜି ସନ୍ଧ୍ୟାରୁ ସାଧାରଣ ଜନତାଙ୍କ ପାଇଁ ଖୋଲିବ । ଏହି ସମାରୋହ ଗତ ସନ୍ଧ୍ୟାରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହା କେବଳ ଗଣମାଧ୍ୟମ ପାଇଁ ଉଦ୍ଦିଷ୍ଟ ରହିଥିଲା । ଫିରୋଜ୍‌ପୁରର ହୁସେନିୱାଲା ଏବଂ ଫାଜିଲକା'ର ସଦ୍‌କି ସୀମା ପୋଷ୍ଟରେ ମଧ୍ୟ ବିଟିଂ ରିଟ୍ରିଟ୍ ସମାରୋହକୁ ଆଜିଠାରୁ ସାଧାରଣ ଜନତା ଉପଭୋଗ କରିପାରିବେ । ଅପରେସନ୍ ସିନ୍ଦୂରକୁ ଦୃଷ୍ଟିରେ ରଖି ଗତ ୮ ତାରିଖଠାରୁ ଏହି ସମାରୋହକୁ ବନ୍ଦ ରଖାଯାଇଥିଲା ।

## ନ୍ୟାୟିକ ଭିତ୍ତିଭୂମି ସୁଦୃଢ଼ୀକରଣ

ରାଜ୍ୟରେ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ନିମନ୍ତେ ୭ କୋଟି ୬୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏନେଇ କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି ଏହି ଅର୍ଥରେ କୋର୍ଟ ରୁମ୍ ଗୁଡ଼ିକର ସୁବିଧା ସହ ଡିଜିଟାଇଜେସନକୁ ବ୍ୟାପକ କରାଯିବ । ସେହିଭଳି ନ୍ୟାୟିକ ଭିତ୍ତିଭୂମିର ଉନ୍ନତି ପାଇଁ ଅର୍ଥ ଖର୍ଚ୍ଚ ହେବ ବୋଲି ଶ୍ରୀ ମେଘୱାଲ କହିଛନ୍ତି ।

## +୨ ପରୀକ୍ଷାଫଳ

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ + ୨ ପରୀକ୍ଷାଫଳ ଆଜି ପ୍ରକାଶ ପାଇବ । ଚଳିତବର୍ଷ ଏକକାଳୀନ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମର ଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ଛାତ୍ରଛାତ୍ରୀମାନେ **www.results.odisha.gov.in, www.chseodisha.nic.in** ବା **www.results.dglocker.gov.in** ମାଧ୍ୟମରେ ପରୀକ୍ଷା ଫଳ ଜାଣିପାରିବେ ।

## ସପ୍ଲିମେଣ୍ଟାରୀ ପରୀକ୍ଷା

ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୧ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ରେଗୁଲାର ଏବଂ ଏକ୍ସ ରେଗୁଲାର

ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ । ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ । କେବଳ ଗଣିତ ପରୀକ୍ଷାରେ ବିଦ୍ୟାର୍ଥୀମାନଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

## ଉପନିର୍ବାଚନ

ରାଜ୍ୟର ୨୦ଟି ଜିଲ୍ଲାରେ ଖାଲିଥିବା ୪୩ଟି ସରପଞ୍ଚ ଏବଂ ୨୩ଟି ୱାର୍ଡରେ ଖାଲିଥିବା ୨୭୨ଟି ୱାର୍ଡ ମେମ୍ବର ପଦବୀ ପାଇଁ ଆସନ୍ତା ଜୁନ୍ ମାସ ୨୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ । ୨୪ ତାରିଖରେ ଭୋଟ୍‌ଗଣତି ସହ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ବିଚାରପତି

ମାଲକାନଗିରି ଜିଲ୍ଲା କୋର୍ଟ କମ୍ପ୍ଲେକ୍ସ ସମ୍ମିଳନୀ କକ୍ଷରେ ବାର୍ ଆସୋସିଏସନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗଦେଇଛନ୍ତି । ତୃଣମୂଳ ସ୍ତରରେ ଲୋକଙ୍କୁ ଆବଶ୍ୟକତା ଅନୁଯାୟୀ ଆଇନ୍‌ଗତ ସହାୟତା ଉପଲବ୍ଧ କରାଇ ପାରିଲେ ସୁଫଳ ମିଳିବ ବୋଲି ଜଷ୍ଟିସ ମିଶ୍ର ଆଶାପ୍ରକାଶ କରିଛନ୍ତି ।

# ପୁରୀ-ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେବ । ବୈଠକରେ ରାଜେନ୍ଦ୍ରାଭିଷେକ ନୀତିଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ନେଇ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# କିନ୍ନର କଲ୍ୟାଣ ବୋର୍ଡ

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା କିନ୍ନର କଲ୍ୟାଣ ବୋର୍ଡ ଗଠନ କରାଯାଇଛି । ଏଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀଙ୍କୁ ମିଶାଇ ୧୬ଜଣ ସଦସ୍ୟ ରହିବେ । ଏନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ମାଲଦ୍ୱୀପ ସାରସ ଓ୍ୱାର୍ଲ୍ଡ ଏକ୍ସପୋର୍ଟ

ମାଲଦ୍ୱୀପ ସାରସ ଓ୍ୱାର୍ଲ୍ଡ ଏକ୍ସପୋର୍ଟ ଆସନ୍ତା ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ଜିଲ୍ଲା ଏକ ଉତ୍ପାଦ ଅନ୍ତର୍ଗତ ଦେଶର ବିଶେଷ ଉତ୍ପାଦ ଗୁଡ଼ିକୁ ସାମିଲ କରାଯିବ । ଏହି ମେଳାରେ ରାଜ୍ୟର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ୭ଟି ବିଶେଷ ଉତ୍ପାଦ ପ୍ରଦର୍ଶନ ଲାଗି ମନୋନୀତ ହୋଇଛି ।

ଏଥିରେ ପଟ୍ଟଚିତ୍ର, ସମ୍ବଲପୁରୀ ଶାଢ଼ୀ, ସୁବର୍ଣ୍ଣପୁରର ଇକତ ଶାଢ଼ୀ, ଡୋକରା କଳାକୃତୀ ଆଦି ସ୍ଥାନ ପାଇଛି ।

# ବୈଠକ

ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଷ୍ଟମ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା ।